ଚତୁର ବୀରବଲ

କିଶୋର ଚନ୍ଦ୍ର ସାହୁ

Digitized by srujanika@gmail.com

ଚତୁର ବୀରବଲ

(ଦ୍ୱିତୀୟ ଭାଗ)

କିଶୋର ଚନ୍ଦ୍ର ସାହୁ (ଆକାଶ୍)

ଓଡ଼ିଶା ବୁକ୍ ଷ୍ଟୋର

Digitized by srujanika@gmail.com

ଚତୁର ବୀରବଲ (ଦ୍ୱିତୀୟ ଭାଗ)

ଲେଖକ: **କିଶୋର ଚନ୍ଦ୍ର ସାହୁ** (ଆକାଶ)
ୟୁକୋ ବ୍ୟାଙ୍କ
ବ୍ରହ୍ମପୁର-୭୬୦ ୦୦୨

ପ୍ରକାଶକ:
ଶ୍ରୀ ବିଜୟ ଶଙ୍କର ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ବିନୋଦ ବିହାରୀ, କଟକ-୭୫୩ ୦୦୨

ପ୍ରଥମ ପ୍ରକାଶ : ନବବର୍ଷ, ୨୦୦୦

ପ୍ରଚ୍ଛଦ : **ବିଜୟ ପ୍ରଧାନ**

ଅକ୍ଷରସଜ୍ଜା
କଂପ୍ୟୁଟର ଟ୍ରିକ୍, କଟକ-୧୨

ମୁଦ୍ରଣ
ଇନ୍ଦ୍ରାଣୀ ଅଫସେଟ୍, କଟକ ।

– ପ୍ରତିଷ୍ଠାତା ପ୍ରକାଶକ –
ଶ୍ରୀ ଗୋବିନ୍ଦ ଚରଣ ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ସ୍ଥାପିତ-୧୯୫୯

CHATURA BIRBAL
(PART-II)

By
Kishore Chandra Sahu(Akash)

Published by
Sri Bijoy Shankar Patra
ORISSA BOOK STORE
Binode Behari
Cuttack -753 002

1st Edition : **2000**

PRICE : Rs. **10/-**

ISBN 81-7400-215-4

Digitized by srujanika@gmail.com

ମୋର ଆନ୍ତରିକ କୃତଜ୍ଞତା

ଶ୍ରୀ ହରପ୍ରସନ୍ନ ଦାସ (ଗାଳ୍ପିକ)

ଶ୍ରୀମତୀ ସୌଭାଗ୍ୟଲକ୍ଷ୍ମୀ ଦାସ

(ସଂପାଦିକା, ବାରମଜ୍ଝା)

ଶ୍ରୀ ନଟବର ମହାନ୍ତି

(ସଂପାଦକ : ଆବର୍ତ୍ତ)

ଶ୍ରୀ ସୁରେନ୍ଦ୍ର ପଣ୍ଡା

ଶ୍ରୀ ବିଜୟ ଶଙ୍କର ପାତ୍ର

Digitized by srujanika@gmail.com

ସୂଚୀ

୧.	ଆକବର ହିନ୍ଦୁ ହେବା ନୋହିଲା	୧
୨.	ବୀରବଲ ବାଜି ଜିଣିଲେ	୪
୩.	ବେଗମ୍‌ଙ୍କୁ ଶାସ୍ତି	୮
୪.	ଓକିଲଙ୍କ ଚକ୍ରାନ୍ତ	୧୧
୫.	ମାଲିକ ଓ କ୍ରୀତଦାସ	୧୮
୬.	ବିଚିତ୍ର ବିଚାର	୨୧
୭.	ତେଲି ଓ କଂସେଇ	୨୪
୮.	ଲହରୀ ବି ଗଣାଯାଏ	୨୭

Digitized by srujanika@gmail.com

ଆକବର ହିନ୍ଦୁ ହେବା ନୋହିଲା

ଆକବର ମୁସଲମାନ ଥିଲେ ବି, ଅନ୍ୟାନ୍ୟ ଧର୍ମ ବିଷୟରେ ଜାଣିବା ପାଇଁ ଆଗ୍ରହୀ ଥିଲେ । ଯେତେବେଳେ ସେ ସମୟ ପାଆନ୍ତି, ହିନ୍ଦୁ ଓ ଖ୍ରୀଷ୍ଟିଆନ ଧର୍ମଯାଜକଙ୍କ ସହ କଥାବାର୍ତ୍ତା କରନ୍ତି । ସେ ସବୁ ଧର୍ମର ଭଲ କଥାରୁ, ଗୋଟିଏ ନୂଆ ଧର୍ମ ସୃଷ୍ଟି କରିବାକୁ ଚେଷ୍ଟା କରୁଥିଲେ । ସେ ଚାହୁଁ ଥିଲେ ସବୁ ଧର୍ମର ଲୋକମାନେ ପରସ୍ପରକୁ ଭଲ ପାଆନ୍ତୁ, ସମ୍ମାନ ଦିଅନ୍ତୁ ଏବଂ କଳହରୁ ଦୂରେଇ ରହନ୍ତୁ । ସେଥିପାଇଁ ସେ ଜଣେ ରାଜପୁତ ରମଣୀକୁ ବି ବିବାହ କରିଥିଲେ । ଯାହାଦ୍ୱାରା ହିନ୍ଦୁ ଧର୍ମ ସହ ତାଙ୍କର ସୁସମ୍ପର୍କ ସ୍ଥାପିତ ହୋଇଥିଲା ।

ବୀରବଲଙ୍କୁ ଦିନେ ଆକବର ପଚାରିଲେ- ମୁଁ କ'ଣ ତୁମଭଳି ଜଣେ ବ୍ରାହ୍ମଣ ହୋଇ ପାରିବିନି ? ତା'ହେଲେ ମୋର ହିନ୍ଦୁଧର୍ମ ପ୍ରତି ଗଭୀର ନିଷ୍ଠା ଥିବାର ପ୍ରମାଣ ମିଳିବ ।''

ବୀରବଲ ଉତ୍ତର ଦେଲେ-''ତା'ର ଆବଶ୍ୟକତା କ'ଣ ମଣିମା ? ଆପଣ ଜଣେ ଉତ୍ତମ ବ୍ୟକ୍ତି । ତାହା ହିଁ ହିନ୍ଦୁ ମାନଙ୍କ ପାଇଁ ଯଥେଷ୍ଟ ।''

କିନ୍ତୁ ଆକବର କଡା ସ୍ୱରରେ କହିଲେ- ''ମୁଁ ବ୍ରାହ୍ମଣ ହେବାକୁ ଚାହେଁ ବୀରବଲ । ତୁମେ ମୋତେ ସେଥିରୁ ନିବୃତ୍ତ କରାଇ ପାରିବନି । ସେଥିପାଇଁ ଗୋଟିଏ ଉତ୍ସବର ଆୟୋଜନ କର ।''

ବୀରବଲ ଜାଣିଥିଲେ ଯେ, ଆକବରଙ୍କ ସହ ଯୁକ୍ତି କରିବା ବୃଥା । ବରଂ ତାଙ୍କୁ ଏମିତି ଗୋଟାଏ ରାସ୍ତା ବାହାର କରିବାକୁ ପଡ଼ିବ- ଯେଉଁଥିରେ ସେ ଶିକ୍ଷା ପାଇ ବୋକା ବନିଯିବେ ।

Digitized by srujanika@gmail.com

ତା' ପରଦିନ ବୀରବଲ ସକାଳୁ ସକାଳୁ ଦରବାରକୁ ଚାଲିଗଲେ । ଆକବରଙ୍କୁ ନମ୍ର ଭାବରେ କହିଲେ- "ମଣିମା ଦେଖନ୍ତୁ ! ଆଜିର ସକାଳ କି ସୁନ୍ଦର ଲାଗୁଛି ! ନଦୀ କୂଳରେ ସୁଲୁ ସୁଲିଆ ପବନ କି ଆରାମ ଲାଗୁଥିବ । ଆପଣ ଚାହିଁଲେ ଘେରାଏ ବୁଲିଆସନ୍ତେ ।"

ଆକବର ଏହା ଶୁଣି ବଡ଼ ଖୁସି ହେଲେ । ଦୁହେଁ ନଈକୂଳ ଆଡ଼େ ବୁଲିବାକୁ ଚାଲିଲେ ।

ନଈକୂଳରେ ଚାଲି ଚାଲି ଯାଉ ଯାଉ ଆକବର, ଏକ ଅଜବ ଦୃଶ୍ୟ ଦେଖିଲେ । ଦୁଇଜଣ ଲୋକ ଦୁଇଟି ଗଧକୁ ନଈକୂଳରେ ବାଲିରେ ଜୋରରେ ରଗଡୁଛନ୍ତି । ସେମାନଙ୍କ ଦେହକୁ ବାରମ୍ବାର ଘଷିବା ଫଳରେ ଗଧ ଦୁଇଟି ବିକୃତ ରଡ଼ି ଛାଡୁଛନ୍ତି । ଏହା ଦେଖି ଆକବରଙ୍କ କୌତୁହଳ ଖୁବ୍ ବଢ଼ିଗଲା । ସେମାନଙ୍କ ପାଖକୁ ଯାଇ ସେ ପଚାରିଲେ- "ତୁମ୍ଭେମାନେ କାହିଁକି ଏ ଗଧ ଦୁଇଟିର ଦେହକୁ ବାଲିରେ ଏତେ ଜୋର୍‌ରେ ରଗଡୁଛ ! କ'ଣ ପାଇବ ତୁମେ ଏଥିରୁ ?"

ଲୋକ ଦୁଇଟି ଆକବରଙ୍କୁ ବିନମ୍ର ହୋଇ କହିଲେ- "ମଣିମା' ଆମେ ଏ ଗଧ ଦୁଇଟିକୁ ଘୋଡା ବନେଇବା ପାଇଁ ଚେଷ୍ଟା କରୁଛୁ । ଜଣେ ପଣ୍ଡିତ ଆମକୁ କହିଛନ୍ତି ଯେ ଯଦି ଆମେ ଏମାନଙ୍କୁ ଏମିତି ବାଲିରେ ଜୋର୍‌ରେ ଘଷିବୁ ଏବଂ ବହୁତ ପୂଜାପାଠ/ଭୋଗରାଗ କରିବୁ, ତେବେ କିଛି ସମୟ ପରେ ଗଧ ଦୁଇଟି ଘୋଡା ବନିଯିବେ ନିଶ୍ଚୟ ।"

ଆକବର ଏହାଶୁଣି ହସି ହସି ବେଦମ୍ ହେଲେ । ବୀରବଲଙ୍କୁ ପଚାରିଲେ "ଆପଣ କେବେ ଏମିତି ହାସ୍ୟାସ୍ପଦ କଥା ଶୁଣିଛନ୍ତି । କିଏ କେବେ ଏମିତି ଗଧଗୁଡାକୁ ଘୋଡା ବନାଇ ଦେଇପାରେ । କି ଅଜବ କଥା ଦେଖନ୍ତୁ !"

Digitized by srujanika@gmail.com

ଏ

ବୀରବଲ ଯେମିତି ଏଇ ପ୍ରଶ୍ନକୁ ହିଁ ଅପେକ୍ଷା କରିଥିଲେ । ଚଟାପଟ ଉତ୍ତର ଦେଲେ- ''ମଣିମା କ୍ଷମା କରିବେ । ଆପଣ ଯଦି କେତୋଟି ଧର୍ମ ଉତ୍ସବ କରି ବ୍ରାହ୍ମଣ ହୋଇ ଯିବାକୁ ବସିଛନ୍ତି, ତେବେ ଏ ଗଧ ଦୁଇଟି ସେମିତି ଘୋଡା ବନିଯିବାରେ ବିଚିତ୍ର କ'ଣ ଅଛି ।''

ଆକବର ଜାଣିଗଲେ ଯେ, ତାଙ୍କୁ ବୋକା ବନାଇବା ପାଇଁ ହିଁ ବୀରବଲ ଏସବୁ ଦୃଶ୍ୟର ଆୟୋଜନ କରିଥିଲେ । ବୀରବଲଙ୍କ ଚତୁରତାରେ ପୁଣି ଥରେ ପରାସ୍ତ ହେଲେ ଆକବର ।

ସେ କହିଲେ -''ସତରେ ବୀରବଲ ! ମୁଁ ବଡ଼ ବୋକା ବନିଗଲି । ମୁଁ ଏଣିକି ନିଶ୍ଚୟ ଜଣେ ଭଲ ମଣିଷ ଓ ଉତ୍ତମ ରାଜା ହେବି ।

ooo

Digitized by srujanika@gmail.com

ବୀରବଲ୍ ବାଜି ଜିଣିଲେ

ଆକବରଙ୍କ ଦରବାରରେ ଜଣେ ମୁସଲମାନ ମନ୍ତ୍ରୀ ଥାଆନ୍ତି । ସେ ବୀରବଲଙ୍କୁ ଈର୍ଷା ଓ ଘୃଣା କରୁଥାନ୍ତି । ଆକବର କାହିଁକି ଜଣେ ହିନ୍ଦୁଙ୍କୁ ଏତେ ଗୁରୁତ୍ୱ ଦେଉଛନ୍ତି - ସେ ଆଦୌ ବୁଝିପାରୁ ନ ଥିଲେ । ଶେଷରେ ମନ୍ତ୍ରୀ ଏ ବିଷୟରେ ଆକବରଙ୍କୁ ଅଭିଯୋଗ କଲେ । ଆକବର କହିଲେ- ''ଦେଖନ୍ତୁ ମୁଁ ବୀରବଲଙ୍କୁ ହିନ୍ଦୁ ବୋଲି ଏତେ ଗୁରୁତ୍ୱ ଦେଇ ନାହିଁ । ମୁଖ୍ୟ କାରଣ ହେଲା ସେ ଏତେ ଚତୁର ଓ ବୁଦ୍ଧିମାନ ଯେ, ଯେତେବେଳେ ଯେଉଁ ସମସ୍ୟା ଆସେ, ସେ ମତେ ସମାଧାନ

କରିବାରେ ସାହାଯ୍ୟ କରନ୍ତି । ଏମିତି ଗୋଟିଏ ପ୍ରଶ୍ନ ବା ସମସ୍ୟା ନାହିଁ ଆଜିଯାଏଁ ଯାହାକି ବୀରବଲ୍ ଉତ୍ତର ଦେଇ ନାହାନ୍ତି କିମ୍ବା ସମାଧାନ କରି ପାରି ନାହାନ୍ତି ।''

Digitized by srujanika@gmail.com

ମନ୍ତ୍ରୀ ଜଣକ ଏଇ କଥାକୁ ଅତିରଞ୍ଜିତ ବୋଲି ମନେ କରି, ମନେ ମନେ ଭୀଷଣ ରାଗିଗଲେ ।

ଦିନେ ସେ ମନ୍ତ୍ରୀ ଆକବରଙ୍କୁ କହିଲେ- ''ଯଦି ଗୋଟିଏ ମାତ୍ର ପ୍ରଶ୍ନର ଉତ୍ତର ବୀରବଲ ଦେଇ ନ ପାରନ୍ତି, ତେବେ ଆପଣ ମତେ ପ୍ରଧାନମନ୍ତ୍ରୀ କରିବେ ତ ।''

ଆକବର ଏହାଶୁଣି ହସିଲେ । ସର୍ତ୍ତରେ ରାଜି ହୋଇ କହିଲେ- ''ଠିକ୍ ଅଛି, ଆପଣ ଆସନ୍ତା କାଲି ବାଛି ବାଛି ତାଙ୍କୁ ଯେକୌଣସି ପ୍ରଶ୍ନ ପଚାରି ପାରନ୍ତି ।''

ମନ୍ତ୍ରୀ ଖୁବ୍ ଖୁସି ହେଲେ । ସାରା ରାତି ପ୍ରଶ୍ନଟିଏ ଭାବି ଭାବି ଠିକ୍ କଲେ ।

ତା' ପରଦିନ ଦରବାରରେ ଖୁବ୍ ଭିଡ଼ । ସମସ୍ତେ ମନ୍ତ୍ରୀଙ୍କ ବାଜି କ'ଣ ଜାଣିବାକୁ ଆଗ୍ରହରେ ଅପେକ୍ଷା କରିଥାନ୍ତି ।

ପ୍ରଥମେ ମନ୍ତ୍ରୀ ଖୁବ୍ ଖୁସିରେ ଆସିଲେ । ତା'ପରେ ବୀରବଲ ପହଞ୍ଚିଲେ ।

ମନ୍ତ୍ରୀ ପ୍ରଶ୍ନ ପଚାରିଲେ -''ବୀରବଲ ! ଆକାଶରେ କେଇଟି ତାରା ଅଛନ୍ତି ମତେ କହି ପାରିବ ? ଯଦି ତୁମେ ଏହାର ବି ଉତ୍ତର ଦେଇଦିଅ... ତେବେ କହିବ....... ପୃଥିବୀର କେନ୍ଦ୍ରସ୍ଥଳ କେଉଁଠି ?

ବୀରବଲ କହିଲେ, ''ଏଗୁଡ଼ିକ ଅତି ଜଟିଳ ପ୍ରଶ୍ନ । ମତେ ଭାବି ଉତ୍ତର ଦେବାପାଇଁ ଦଶ ମିନିଟ୍ ସମୟ ଦେବେ କି ?

ମନ୍ତ୍ରୀ ଜଣକ କିଛି ଚିନ୍ତା ନ କରି ରାଜି ହୋଇଗଲେ । କାରଣ ସେ ଜାଣିଥିଲେ ବୀରବଲ କେବେ ବି ଏ ପ୍ରଶ୍ନର ଉତ୍ତର ଦେଇ ପାରିବେ ନାହିଁ । ମନ୍ତ୍ରୀଙ୍କର ନିଜ ବୁଦ୍ଧି ଉପରେ ଅନେକ ଭରସା ଥିଲା ।

ବୀରବଲ ଦରବାର ଛାଡ଼ି ବାହାରକୁ ଗଲେ । ଦଶ ମିନିଟ୍ ପରେ

Digitized by srujanika@gmail.com

ଫେରି ଆସିଲେ । ସାଙ୍ଗରେ ଗୋଟିଏ ଛେଳିଥିଲା । ଛେଳିକୁ ଦେଖି ଦରବାରର ସମସ୍ତେ ଆଶ୍ଚର୍ଯ୍ୟ ଭାବେ ଚାହିଁଥାନ୍ତି ବୀରବଲଙ୍କୁ । ବୀରବଲ ଅତି ନମ୍ର ଓ ଶାନ୍ତ କଣ୍ଠରେ କହିଲେ-''ଯଦି ମନ୍ତ୍ରୀ ମହୋଦୟ ଆକାଶର ତାରା ସଂଖ୍ୟା ଜାଣିବାକୁ ଚାହୁଁଛନ୍ତି, ତେବେ ସେ ଏଇ ଛେଳିର ଦେହରେ କେତେ ବାଳ ଅଛି ଗଣିବା ଉଚିତ । ତା'ହେଲେ ସେ ଠିକ୍ ସଂଖ୍ୟା ପାଇଯିବେ ।''

ଏହା ଶୁଣି ଦରବାରର ସମସ୍ତେ ଜୋର୍‌ରେ ହସି ଉଠିଲେ । ଏଣେ ମନ୍ତ୍ରୀ ଜଣକ ରାଗରେ ପାଚି ଲାଲ ହୋଇ ଗଲେଣି । ମନ୍ତ୍ରୀ ଛାଡ଼ିବା ଲୋକ ନୁହଁନ୍ତି । ସେ ଦୃଢ଼ ସ୍ୱରରେ କହିଲେ-''ଠିକ୍ ଅଛି । ତୁମେ ମୋର ଦ୍ୱିତୀୟ ପ୍ରଶ୍ନର ଉତ୍ତର ଏ ଯାଏଁ ଦେଲ ନାହିଁ । ପୃଥିବୀର କେନ୍ଦ୍ରସ୍ଥଳ କେଉଁଠି କହି ପାରିବ ।''

ବୀରବଲ ଗୋଟିଏ ବାଡ଼ି ଆଣିବାକୁ କହିଲେ । ବାଡ଼ିଟି ଧରି ଠକ୍

Digitized by srujanika@gmail.com

ଠକ୍ କରି କିଛି ଦୂର ଦରବାରରେ ଚାଲିଲେ ସେ । ତା'ପରେ ଗୋଟିଏ ସ୍ଥାନରେ ରହିଯାଇ ବାରମ୍ବାର ବାଡ଼ିକୁ ଠକ୍ ଠକ୍ କଲେ ସେଇଠି । ତା' ପରେ କିଛି ଶୁଣିବା ଭଳି ଅଭିନୟ କଲେ । ଆଖି ବଡ଼ ବଡ କରି କହିଲେ ''ଏଇଟି ହେଉଛି ପୃଥିବୀର କେନ୍ଦ୍ରସ୍ଥଳ ।''

ମନ୍ତ୍ରୀ ଏତେଟା ବୋକା ନଥିଲେ । ସେ ସଙ୍ଗେ ସଙ୍ଗେ ଆପତ୍ତି ଉଠାଇଲେ- ''ତୁମେ ଏହା ପ୍ରମାଣ କରି ଦେଇ ପାରିବ ?''

ବୀରବଲ ଚଟାପଟ ଉତ୍ତର ଦେଲେ- ''ଯଦି ଆପଣଙ୍କର ମୋ କଥାରେ ବିଶ୍ୱାସ ନାହିଁ, ତେବେ ସମସ୍ତେ ମିଶି ଗୋଟିଏ ଟେପ୍ ଆଣି ମାପି ଦେଇ ଠିକ୍ କରିବା । ଏଇଠୁ ପୃଥିବୀର କେନ୍ଦ୍ରସ୍ଥଳଟି କେତେଦୂର ଠିକ୍ ଜଣା ପଡ଼ିଯିବ ।''

ସମସ୍ତେ ହସି ହସି ବେଦମ୍ ହେଲେ । ବୀରବଲଙ୍କ ଚତୁରତାରେ ମୁଗ୍ଧ ହେଲେ ସମସ୍ତେ । ଆକବର ସେଇ ମୁହଁ ଶୁଖାଇ ବସିଥିବା ମନ୍ତ୍ରୀଙ୍କୁ କହିଲେ- ''ଦେଖିଲ ତ ! ପ୍ରତ୍ୟେକ ପ୍ରଶ୍ନ ପାଇଁ ବୀରବଲଙ୍କ ନିକଟରେ ଉତ୍ତର ନିଶ୍ଚୟ ଅଛି ।''

ଏମିତି ମନ୍ତ୍ରୀଙ୍କୁ ବୋକା ବନାଇ ବୀରବଲ ବାଜି ଜିଣିଲେ ।

Digitized by srujanika@gmail.com

ବେଗମ୍‌ଙ୍କୁ ଶାସ୍ତି

ମୋଗଲ ଶାସନ ସମୟରେ ରାଜାମାନେ ବହୁରାଣୀଙ୍କୁ ବିବାହ କରୁଥିଲେ । ସେମାନଙ୍କୁ ବେଗମ୍ କୁହାଯାଉଥିଲା । ଆକବର ଦିନେ ଜଣେ ବେଗମ୍‌ଙ୍କ ଉପରେ ଅସନ୍ତୁଷ୍ଟ ହେଲେ । ବେଗମ୍ ଜଣକ କଳିହୁଡ଼ି ଥିଲେ । ପୁଣି ତାଙ୍କରି ବିରୁଦ୍ଧରେ ଅନେକ ଅଭିଯୋଗମାନ ଆସୁଥିଲା । ଆକବରଙ୍କୁ ସେ ଅତି ଖରାପ ବ୍ୟବହାର ବି କରୁଥିଲେ ।

ଶେଷରେ ଆକବର ଭାବିଲେ ଯେ, ସେ ବହୁତ ସହିଲେଣି ଏଣିକି ଆଉ ନୁହେଁ । ସେ ବେଗମ୍‌ଙ୍କୁ ଡାକି କହିଲେ- ''ତୁମେ ତୁମର ଜିନିଷ ସଜ କରି ଆଜି ବାପଘରକୁ ଚାଲିଯାଅ । ମୁଁ ତୁମ ଭଳି ସ୍ତ୍ରୀ ଚାହେଁନି ।''

ବେଗମ୍ ଏହାଶୁଣି ବହୁତ କାନ୍ଦିଲେ ଓ କ୍ଷମା ଦେବା ପାଇଁ ଅନୁରୋଧ ବି କଲେ । କିନ୍ତୁ ଆକବର ଜମା ନରମ ହେଲେ ନାହିଁ । ବେଗମ ଗୋଡଧରି କାନ୍ଦିଲେ । ଆକବରଙ୍କ ମନରେ ଟିକିଏ ଦୁଃଖ ହେଲା । ତଥାପି ସେ କହିଲେ ଯେ ସେ ତାଙ୍କୁ ଏଠାରେ ରହିବା ପାଇଁ ଅନୁମତି ଦେବେନାହିଁ; କିନ୍ତୁ ଏଠାରୁ ଗଲାବେଳେ ତାଙ୍କୁ ଭଲ ଲାଗୁଥିବା ପ୍ରାସାଦର ଯେ କୌଣସି ଗୋଟିଏ ଜିନିଷ ନେଇ ଯାଇପାରନ୍ତି ।

ବିଚାରି ବେଗମ୍‌ଙ୍କୁ ଏହି କଥା ଆନନ୍ଦ ଦେଇ ପାରିଲା ନାହିଁ । ସେ କହିଲେ ସ୍ୱାମୀଠାରୁ ଆଉ ବଡ଼ ଜିନିଷ ମୋ ପାଇଁ କ'ଣ ଅଛି ?

ସେ ବହୁତ ମନ ଦୁଃଖ କଲେ । କ'ଣ କରିବେ କିଛି ଠିକ୍ କରି ପାରିଲେ ନାହିଁ । ବୀରବଲ ତ ବହୁ ଲୋକଙ୍କୁ ବିପଦରେ ସାହାଯ୍ୟ କରିଛନ୍ତି । ସେ ଯଦି ତାଙ୍କୁ ସାହାଯ୍ୟ କରନ୍ତେ । ତା'ପରେ ଭାବିଲେ,

Digitized by srujanika@gmail.com

ସେ ଡାକିଲେ ହୁଏତ ବୀରବଲ ଆସିବେନି କାରଣ ସେ ଥରେ ପାରିଷଦମାନଙ୍କ ଦ୍ୱାରା ତାଙ୍କୁ ଦରବାରରୁ ତଡ଼ିବା ପାଇଁ ଚକ୍ରାନ୍ତ କରିଥିଲେ । ସେ ତାହା ଜାଣିଛନ୍ତି ।

କିନ୍ତୁ ବୀରବଲ ବେଗମ୍‌ଙ୍କ ଡାକରା ପାଇ ଆସି ପହଞ୍ଚିଲେ । ବେଗମ୍‌ଙ୍କ ଠାରୁ ସବୁ ଶୁଣି ତାଙ୍କୁ ସେକେଣ୍ଡଟାଏ ବି ଲାଗିଲାନି ଯୋଜନାଟିଏ ତିଆରି କରିବା ପାଇଁ ।

ବେଗମ୍ କୃତ୍ୟ କୃତ୍ୟ ହୋଇ କହିଲେ-

''ବୀରବଲ ମୁଁ ତୁମ ବିରୁଦ୍ଧରେ ଥରେ ଚକ୍ରାନ୍ତ କରିଥିଲି ସେଥିପାଇଁ ମୁଁ ଅତି ଦୁଃଖିତା ।''

ବୀରବଲ୍ ହସି ହସି କହିଲେ ''ଗଲା କଥା ତ ଗଲାଣି । ତାହା ଆଉ ଚିନ୍ତା କରନ୍ତୁନି ।''

କିଛି ସମୟପରେ ଆକବର ଖବର ପାଇଲେ ଯେ ବେଗମ୍ ତାଙ୍କୁ ଦେଖା କରିବା ପାଇଁ ଇଚ୍ଛୁକ ।

Digitized by srujanika@gmail.com

ଆକବର ଶୀଘ୍ର ବେଗମ୍‌ଙ୍କ ପାଖରେ ପହଞ୍ଚିଲେ । ବେଗମ୍ ଅନୁରୋଧ କଲେ "ଦୟାକରି ଏ ସର୍ବତ ଗ୍ଲାସଟି ପିଇ ଦିଅନ୍ତୁ । ମୁଁ ଏହା ଆପଣଙ୍କ ପାଇଁ ପ୍ରସ୍ତୁତ କରିଛି । ଜମା ମନା କରନ୍ତୁନି । ମୁଁ ତ ଆଉ ଆପଣଙ୍କୁ ଦେଖି ପାରିବିନି ।"

ଆକବର ବି ଜମା ମନା କଲେନି । କିନ୍ତୁ ସର୍ବତ ପିଇ ସାରିଲା ପରେ ନିଘୋଡ ନିଦରେ ଶୋଇ ଗଲେ । ବେଗମ୍ ଚାକରମାନଙ୍କ ଦ୍ୱାରା ଆକବରଙ୍କୁ ଗୋଟିଏ ପାଲିଙ୍କିରେ ଶୁଆଇ ଦେଲେ । ଅନ୍ୟ ଗୋଟିଏ ପାଲିଙ୍କିରେ ନିଜେ ବସି ନିଜ ବାପଘରକୁ ଚାଲିଲେ ଆକବରଙ୍କ ସହ ।

କିଛି ଘଣ୍ଟା ପରେ ଆକବରଙ୍କ ନିଦ ଭାଙ୍ଗିଲା । ତାଙ୍କୁ ସବୁ ଆଶ୍ଚର୍ଯ୍ୟ ଲାଗୁଥିଲା । ସେ କେଉଁଠି ଅଛନ୍ତି ଜାଣିପାରୁ ନଥିଲେ । ସେ ଚାକରକୁ ଡାକିବାକୁ ଯାଉଛନ୍ତି ବେଗମ୍ ଆସିଲେ ।

ଆକବର ଭୁଲିଗଲେ ଯେ ସେ ବେଗମ୍‌ଙ୍କୁ ବାପ ଘରକୁ ପଠାଇ ଦେଇଛନ୍ତି । ପଚାରିଲେ ସେ ବର୍ତ୍ତମାନ କେଉଁଠି ଅଛନ୍ତି ।

ବେଗମ୍ ଉତ୍ତର ଦେଲେ ସେ ନିଜ ଉଆସରେ ହିଁ ଅଛନ୍ତି । ସେ ସ୍ୱପ୍ନ ଦେଖୁଥିଲେ କି ଅଧାରୁ ନିଦ ଭାଙ୍ଗିଗଲା ।

ଆକବର ଶେଯରୁ ଉଠି ଝରକା ପାଖକୁ ଗଲେ । ଚାରିଆଡକୁ ଦେଖି କହିଲେ..... "ନା, ଏଇଟା ତ ମୋ ପ୍ରାସାଦ ନୁହେଁ ।"

ବେଗମ୍ କହିଲେ- "ଏଇଟା ମୋ ବାପାଙ୍କ ଘର । ଆପଣ ମତେ କହିଥିଲେ ନା, ମୁଁ ଉଆସ ଛାଡ଼ିବା ପୂର୍ବରୁ ମତେ ଭଲ ଲାଗୁଥିବା ଜିନିଷ ସାଙ୍ଗରେ ନେଇଯିବା ପାଇଁ । ମୁଁ ଆପଣଙ୍କୁ ନେଇ ଆସିଛି । ଯେହେତୁ ସାରା ଦୁନିଆରେ ମୁଁ ଆପଣଙ୍କୁ ବେଶି ଭଲପାଏ ଓ ସମ୍ମାନ ଦିଏ ।

ଆକବର ବହୁତ ହସିଲେ । ଜାଣିଲେ ଏ ବୁଦ୍ଧି ବୀରବଲଙ୍କର । ପୁଣି ବେଗମ୍‌ଙ୍କ ସହ ଉଆସକୁ ଫେରିଲେ ଓ ଖୁସିରେ ରହିଲେ । ❑❑❑

Digitized by srujanika@gmail.com

ଓକିଲଙ୍କ ଚକ୍ରାନ୍ତ

ବହୁଦିନ ତଳେ ଦିଲ୍ଲୀରେ ଜଣେ ଯୁବ ଓକିଲ ବାସ କରୁଥିଲେ । ସେ ଯେମିତି ବୁଦ୍ଧିମାନ ଥିଲେ ସେମିତି ଗର୍ବୀ ମଧ୍ୟ ଥିଲେ । ସେ ତାଙ୍କରି ବନ୍ଧୁମାନଙ୍କୁ ସବୁବେଳେ କହିବାକୁ ଭଲ ପାଆନ୍ତି ଯେ ତାଙ୍କରି ଶିକ୍ଷକ କେମିତି ସବୁଠାରୁ ଚତୁର ଥିଲେ, ତାଙ୍କରି ପରିବାର ସେ ଗାଁରେ କେମିତି ବିଦ୍ୱାନ ଥିଲେ । ସେ କେମିତି ସବୁଠାରୁ ବେଶୀ ନମ୍ବର ରଖୁଥିଲେ ସବୁ

କ୍ଷେତ୍ରରେ.... ଇତ୍ୟାଦି ଇତ୍ୟାଦି । ସେ କହନ୍ତି- ''ମତେ ଯେତେବେଳେ ମାତ୍ର ପନ୍ଦର ବର୍ଷ ବୟସ, ସେତେବେଳେ ମୁଁ ମୋ ବୟସର ଜଣଙ୍କୁ ଦୁଇ ଦୁଇ ଥର ଯୁକ୍ତିରେ ପରାସ୍ତ କରିଥିଲି । ତୁମେ କହିପାରିବ ମୋ ଛଡ଼ା ଆଉ କେହି ଏମିତି କରି ପାରିଥାନ୍ତା ।

Digitized by srujanika@gmail.com

ଏଇ ଦେଖାଣିଆ ସ୍ୱଭାବ ପାଇଁ ଓକିଲଙ୍କ ବନ୍ଧୁମାନେ ବିରକ୍ତ ହୋଇଗଲେ । କିନ୍ତୁ ଓକିଲଙ୍କର ଏ ବଦ୍‌ଗୁଣ କେମିତି ବନ୍ଦ କରିବେ ଜାଣି ପାରୁ ନ ଥିଲେ । ଯଦି ବନ୍ଧୁମାନେ କହିବେ ଯେ ସେକଥା ସେମାନେ ପୂର୍ବରୁ ତାଙ୍କଠାରୁ ଶୁଣି ସାରିଛନ୍ତି, ତେବେ ଓକିଲ ଜଣକ ରାଗି ଖପା ହୋଇଯିବେ । କହିବେ, ''ତମେମାନେ ମୋ ପ୍ରତି ଈର୍ଷା ପରାୟଣ ହୋଇ ସହି ପାରୁନାହଁ...ତେଣୁ ମୋ କଥା ଶୁଣୁନାହଁ ।''

ସେ ଯା' ହେଉ ସେଇ ବନ୍ଧୁମାନଙ୍କ ଭିତରୁ ଜଣେ ଗୋଟାଏ ପ୍ରସ୍ତାବ ଦେଲା । ''ଚାଲ ଓକିଲବନ୍ଧୁଙ୍କୁ ଆମର, ବୀରବଲଙ୍କ ସହ ତର୍କ କରିବା ପାଇଁ କହିବା । ମୁଁ ଜାଣେ, ସେ କେବେ ବୀରବଲଙ୍କୁ ପରାସ୍ତ କରି ପାରିବନି । ତା'ପରେ ଅନ୍ତତଃ ଆମେ ଟିକିଏ ତ ଶାନ୍ତି ପାଇ ପାରିବା ।''

ଯେତେବେଳେ ଯୁବ ଓକିଲ ଜଣକ ଜାଣିଲେ ଯେ ତାଙ୍କରି ବନ୍ଧୁମାନେ ବୀରବଲଙ୍କ ସହ ତାଙ୍କରି ତର୍କ କରିବା ପାଇଁ ଆୟୋଜନ କରୁଛନ୍ତି । ସେ ଅବଜ୍ଞାର ହସ ହସି କହିଲେ- ''ବୀରବଲ... ? କେଉଁ ବୀରବଲ ?? ସେଇ ନିପଟ ଗାଉଁଲି ମୂର୍ଖ, ଯାହାକୁ କି ଆକବର ଆଣି ଦରବାରରେ ରଖିଛନ୍ତି । ଠିକ୍ ଅଛି ଗୋଟାଏ ତର୍କର ଆୟୋଜନ କର । ମୁଁ ସଙ୍ଗେ ସଙ୍ଗେ ବୀରବଲଙ୍କ ଟାଣପଣ ଓ ମିଥ୍ୟା ଚତୁରତା ସବୁଦିନ ପାଇଁ ଭାଙ୍ଗିଦେବି ।

ଆପଣମାନେ ଜାଣନ୍ତି - ଏହାର ପରିଣତି କ'ଣ ହେବ ? କାରଣ ଏଇ ଯୁବ-ଓକିଲ କେବେ ବି ବୀରବଲଙ୍କ ସମକକ୍ଷ ହୋଇ ପାରିବନି ।

ଠିକ୍ ସେୟା ହିଁ ହେଲା । ଓକିଲ ଜଣକ ରାଗରେ ଆଖି ଲାଲ ଲାଲ କରି କାନ୍ଦି କାନ୍ଦି ଘରକୁ ଫେରିଲେ । ସେ ହାରି ଯିବାରୁ ବେଶୀ ଅପମାନ ବୋଧ କଲେ । ତେଣୁ ପ୍ରତିଶୋଧ ନେବା ପାଇଁ ଶପଥ ନେଲେ ସେଇଦିନ ।

Digitized by srujanika@gmail.com

ସେ ସଙ୍ଗେ ସଙ୍ଗେ ଦିଲ୍ଲୀ ଛାଡ଼ି କେଉଁଆଡ଼େ ଚାଲିଗଲେ । ଦୀର୍ଘ କେତେ ମାସ ପର୍ଯ୍ୟନ୍ତ ତାଙ୍କରି ବିଷୟରେ ଆଉ କିଛି ଶୁଣାଗଲା ନାହିଁ । ଓକିଲଙ୍କର ବନ୍ଧୁମାନେ ବହୁତ ଖୁସି ହେଲେ । ବୀରବଲ ଏଇକଥା ପୂରାପୂରି ଭୁଲିଗଲେ । କାରଣ ତାଙ୍କୁ ତ ପ୍ରତିଦିନ ନୂଆ ନୂଆ ସମସ୍ୟା ଉପରେ ଭାବିବାକୁ ପଡୁଥିଲା ।

ବହୁତ ମାସ ବିତିଯିବା ପରେ ବୁଲି ବୁଲି ଅଭିନୟ କରୁଥିବା ଗୋଟାଏ ଅଭିନେତା ଦଳ ଆସି ଆକବରଙ୍କ ଦରବାରରେ ପହଞ୍ଚିଲେ । ସେମାନେ ଅଭିନୟ କରିବା ପାଇଁ ଆକବରଙ୍କ ଅନୁମତି ଚାହିଁଲେ ।

ଅଭିନେତା ଦଳର ଦଳପତି ଆକବରଙ୍କୁ କହିଲେ- "ଆମେ ଗୋଟିଏ ଦୁଃଖପୂର୍ଣ୍ଣ ନାଟକ ମଞ୍ଚସ୍ଥ କରିବୁ । ତାହା ହେଉଛି ଗୋଟିଏ ଗାଁରେ ମରୁଡ଼ି ପଡ଼ିଛି । ଜଣେ ଗରିବ ଚାଷୀ ତା'ର ବଳଦମାନଙ୍କୁ କିଛି ଖାଇବାକୁ ଦେଇ ନ ପାରିବାରୁ ସେମାନେ ମରିଯାଇଛନ୍ତି । ସେ ଦେଖୁଛି ତା' ଆଖି ଆଗରେ ତାର ପ୍ରିୟ ପିଲାମାନେ ଜଣକ ପରେ ଜଣେ

Digitized by srujanika@gmail.com

ଭୋକରେ ମରି ଯାଉଛନ୍ତି । ସେ ଭୋକ ଓ ଦୁଃଖରେ ପାଗଳ ହୋଇଯାଇଛି । ସେ ଗୋଟିଏ ଛୁରୀ ଧରି ରାଗରେ ଦରବାରକୁ ଧାଇଁଛି ଯେଉଁ ରାଜା କି ମରୁଡ଼ି ପୀଡିତ ଲୋକଙ୍କ ପାଇଁ ଜମା ବ୍ୟସ୍ତ ନୁହଁନ୍ତି, ତାଙ୍କୁ ତଥା ଅଯୋଗ୍ୟ ମନ୍ତ୍ରୀମାନଙ୍କୁ ମାରି ଦେବା ପାଇଁ ଆକ୍ରମଣ କରିଛି । ତାକୁ ଦରବାରର କୌଣସି ସୈନିକ ବା ରକ୍ଷୀ ବାଧା ଦେଇ ପାରି ନାହାନ୍ତି ।''

ଆକବର ଏହାଶୁଣି କହିଲେ- ''ଏଇ କାହାଣୀଟି ବେଶ୍ ଭଲ ଲାଗୁଛି । ଆଜି ସନ୍ଧ୍ୟାରେ ଏଇ ନାଟକଟି ଆମ ପାଇଁ ମଞ୍ଚସ୍ଥ କର ।''

ଅଭିନୟ ଦଳର ଦଳପତି କହିଲେ- ''ହଜୁର । କେବଳ ଗୋଟିଏ ସମସ୍ୟା ଅଛି ଏଥିରେ । ମୁଁ ହିଁ ସେହି ଅଭିନେତା.... ଯିଏ କି ସେ ପାଗଳ ଚାଷୀର ଅଭିନୟ କରିଛି । ମୁଁ ଏଇ ଅଭିନୟ କଲାବେଳେ ସେ ଗରିବ ଚାଷୀର ଦୁଃଖରେ ଏତେ ଭାବବିହ୍ୱଳ ହୋଇଯାଏ ଯେ, ସ୍ଥାନ-କାଳ-ପାତ୍ର ଭୁଲିଯାଏ । ମୁଁ ଅଭିନୟ କରି ସତରେ ଲୋକମାନଙ୍କୁ ଆକ୍ରମଣ କରିଦିଏ ।''

ଏହା ଶୁଣି ଆକବର ଚମକି ଉଠିଲେ । କହିଲେ- ''ନା....ନା.... ଏଥିପାଇଁ ସତର୍କ ରହିବାକୁ ପଡ଼ିବ ।

ଦଳପତି କହିଲା - ''ହଜୁର !! ମୁଁ ଚେଷ୍ଟା କରିବି । କିନ୍ତୁ ଯଦି ଦୁର୍ଘଟଣାବଶତଃ ମୁଁ ଜଣକୁ ସତରେ ମାରିଦିଏ, ତେବେ ମୋତେ କ୍ଷମା ଦେବେ । ସେଥିପାଇଁ ମତେ କୌଣସି ଦଣ୍ଡ ଦେବେ ନାହିଁ ।''

ଆକବର କୌଣସି ସନ୍ଦେହ ନ କରି ସେଥିରେ ରାଜି ହେଲେ ।

ଅଭିନେତାଟି ଶେଷରେ କହିଲା ''ହଜୁର ? ମୋର ଗୋଟିଏ ଶେଷ ଅନୁରୋଧ । ଆପଣ ଦୟାକରି ବୀରବଲଙ୍କୁ ଆଜିର ନାଟକ

Digitized by srujanika@gmail.com

ଦେଖିବାକୁ ନିମନ୍ତ୍ରଣ କରିବେ । ସେ ଆମରି ଅଭିନୟ ଭଲ ବୋଲି କହିଲେ ଆମେ ବହୁତ ଖୁସି ହେବୁ ।''

ଆକବର ଏଥିରେ ବି ହଁ ଭରିଲେ ।

ଯେତେବେଳେ ଆକବର ଅଭିନେତାଟିର ଅନୁରୋଧ ବୀରବଲଙ୍କୁ ଜଣାଇଲେ, ସେ ଟିକିଏ ସନ୍ଦେହ କଲେ । ତାଙ୍କର ତ ବହୁତ ଶତ୍ରୁ ମନ୍ତ୍ରୀ ଅଛନ୍ତି, ସେମାନେ ବିଭିନ୍ନ ସମୟରେ ଚକ୍ରାନ୍ତ କରିଛନ୍ତି, କିନ୍ତୁ ବହୁ ପୂର୍ବରୁ ବୀରବଲ ତାହା ଜାଣିପାରି ପଣ୍ଡ କରି ଦେଇଛନ୍ତି । ନାଟକର କାହାଣୀ ଶୁଣି ତାଙ୍କରି ମନରେ ସନ୍ଦେହ ଆହୁରି ଦୃଢ଼ ହେଲା । ସେ ମନେ ମନେ ଭାବିଲେ ତାଙ୍କୁ ନିଶ୍ଚୟ ମାରିବା ପାଇଁ ଏହି ଅଭିନେତାଟିକୁ କେହି ନିଯୁକ୍ତି କରିଛି ।

ସଂଧ୍ୟାବେଳେ ବୀରବଲ ଦୁଇଜଣ ଦେହରକ୍ଷୀକୁ ନେଇ ନାଟକ ଦେଖିବାକୁ ଗଲେ । ସେ ନିଜେ ଖୁବ୍ ସତର୍କ ରହି ନାଟକ ଦେଖିଲେ ।

ସତରେ ଅଭିନେତାଟିର ଅଭିନୟ ଅତି ଜୀବନ୍ତ ମନେହେଲା । ସେ ସତରେ ପାଗଳ ଭଳି ବୋଧ ହେଉଥିଲା । ନାଟକ ଶେଷରେ

Digitized by srujanika@gmail.com

ଅଭିନେତାଟି ଅତିଭୟଙ୍କର ହୋଇ ଏଣେ ତେଣେ ଦୌଡ଼ିଲା । ସମସ୍ତେ ଭୟରେ ପଛକୁ ଘୁଞ୍ଚିଗଲେ । ଅଭିନେତାଟି ବୀରବଲଙ୍କ ପାଖକୁ ଯାଇ ହାତ ଉଠାଇଲାବେଳେ ବୀରବଲ ହାତଟିକୁ ଧରିନେଲେ । ନଚେତ୍ ଅଭିନେତାଟିର ଛୁରୀରେ ବୀରବଲଙ୍କର ପ୍ରାଣ ଯାଇଥାନ୍ତା ।

ସମସ୍ତେ ଅଭିନେତାଙ୍କର ଅଭିନୟକୁ ପ୍ରଶଂସା କଲେ । ବୀରବଲ ଅଭିନେତାଟିକୁ ଠିକ୍ ଚିହ୍ନି ପାରିଲେ । ଗତ କେଇମାସ ତଳେ ତାଙ୍କଠାରୁ ତର୍କରେ ପରାସ୍ତ ହୋଇଥିବା ଯୁବ ଓକିଲଟି ହିଁ, ପ୍ରତିଶୋଧ ପରାୟଣ ହୋଇ ଏହା କରିଛି ।

ବୀରବଲ ଜାଣିଲେ ଯେ, ଆକବରଙ୍କୁ ଏ ବିଷୟରେ ଅଭିଯୋଗ କରି କିଛି ଲାଭ ହେବ ନାହିଁ । ସେ ତ ପୂର୍ବରୁ ଅଭିନେତାଟିକୁ ଦଣ୍ଡ ଦେବେନି, ବୋଲି କଥା ଦେଇ ସାରିଛନ୍ତି ।

ଆକବର ବୀରବଲଙ୍କୁ ଡାକି ନାଟକ ବିଷୟରେ ମତାମତ ପଚାରିଲେ ।

ବୀରବଲ କହିଲେ, ''ସତରେ ଏ ନାଟକଟି ଅତି ଜୀବନ୍ତ ମନେ ହେଲା । ମୁଁ ଆଗରୁ ଏପରି ନାଟକ କେବେ ବି ଦେଖି ନ ଥିଲି, କିନ୍ତୁ ମୁଁ ଗୋଟିଏ ଅଭିନୟ ପାଇଁ ପରାମର୍ଶ ଦେଉଛି । ଅଭିନେତା ତାହା କରି ପାରିବେ ତ ??

ଅଭିନେତାଟି ଭାବିଲା ଯେ, ସେ ବୀରବଲଙ୍କୁ ମାରିଦେବା ପାଇଁ ଯେଉଁ ଚେଷ୍ଟା କରିଥିଲା ତାହା ସେ ଜାଣିପାରି ନାହାନ୍ତି । ତେଣୁ ସେ ଗର୍ବର ସହିତ କହିଲା- '' ଏ ଅଞ୍ଚଳରେ ମୋ'ଠାରୁ ଆଉ କେହି ଭଲ ଅଭିନେତା ନାହାନ୍ତି ???''

ବୀରବଲ କହିଲେ-''ଠିକ୍ ଅଛି, ତମେ 'ସତୀ' ଚରିତ୍ରରେ ଅଭିନୟ କରି ପାରିବ ?''

Digitized by srujanika@gmail.com

ଏଇନା ଯୁବ ଓକିଲ ଜଣକ ଜାଣିଗଲା ଯେ, ବୀରବଲ ତାକୁ ଠିକ୍ ଚିହ୍ନି ସାରିଲେଣି, ଏଣେ ରାଜାଙ୍କୁ ମନା କରିପାରିବ ନାହିଁ । ତେଣେ ହଁ କଲେ ଜୁଇରେ ପୋଡ଼ିହୋଇ ମରିବ ।

ବୀରବଲ ରକ୍ଷୀମାନଙ୍କୁ ବଡ଼ ବଡ଼ କାଠ ଗଣ୍ଡି ଆଣିବା ପାଇଁ କହିଲେ । ଅଭିନେତାଟି ପୋଷାକ ପିନ୍ଧିବା ପାଇଁ ଗଲାବେଳେ ଜୁଇରେ ନିଆଁ ଲଗାଇ ଦିଆଗଲା ।

ନିଆଁ ଦେଖି ଅଭିନେତାର ମୁହଁ ଶେତା ପଡ଼ିଗଲା । ସେ ଭୟରେ ଥରିବାକୁ ଲାଗିଲା । ଲୋକେ କହିଲେ- ''ସାବାସ୍ । ମୁହଁରେ ମରିବାକୁ ଯିବାପରି ସତରେ ଭୟ ଓ ହତାଶା ଅଛି ।''

ଅଭିନେତାଟି ଭାବିଲା ସେ ଯଦି ବର୍ତ୍ତମାନ ବି ସତ୍ୟ ସ୍ୱୀକାର କରିଦିଏ, ତେବେ ଫାଶୀ ପାଇବ, କାରଣ ସେ ବୀରବଲଙ୍କୁ ମାରିବା ପାଇଁ ଚେଷ୍ଟା କରୁଥିଲା ।

ଏମିତି ଭାବି ସେ କାନ୍ଦି କାନ୍ଦି ନିଆଁ ପାଖରେ ପହଞ୍ଚିଲା । ନିଆଁ ଧାସରେ ତା ଦେହ ଟାଇଁ ଟାଇଁ ଲାଗିଲା । ହଠାତ୍ ବୀରବଲ ପାଟିକଲେ- ''ବନ୍ଦକର ଏ ଅଭିନୟ ଯଥେଷ୍ଟ ହେଲାଣି ।''

ଯୁବ ଓକିଲଟି ବୀରବଲଙ୍କ ଗୋଡତଳେ ପଡ଼ି ସବୁ ଦୋଷ ସ୍ୱୀକାର କରିନେଲା । ବୀରବଲ ବି ତାକୁ ଦୟା ଦେଖାଇ କ୍ଷମା ଦେଲେ । ❑❑❑

Digitized by srujanika@gmail.com

ମାଲିକ ଓ କ୍ରୀତଦାସ

ଥରେ ଦିଲ୍ଲୀ ନଗରୀର ମୁଖ୍ୟ ନଗର-ରକ୍ଷୀ ଦୁଇଜଣ ଲୋକଙ୍କୁ ଆକବରଙ୍କ ଦରବାରକୁ ଧରି ଆଣିଲା । ସେତେବେଳେ ଆକବର ସିଂହାସନରେ ବସିଥିଲେ । ଆକବରଙ୍କ ଆଗରେ ମଥା ନୁଆଇଁ କହିଲା- ''ହଜୁର ! କାଜି (ସ୍ଥାନୀୟ ବିଚାରକ) ଏହି ଦୁଇଜଣଙ୍କର କଳିର ସମାଧାନ କରି ପାରିଲେ ନାହିଁ । ତେଣୁ ବାଧ ହୋଇ ଏମାନଙ୍କୁ ମୁଁ ଆପଣଙ୍କ ପାଖକୁ ନେଇ ଆସିଛି । ଏଥିପାଇଁ ମତେ କ୍ଷମା ଦେବେ ।''

ସମ୍ରାଟ ଆକବର ଏହି ଦୁଇଜଣଙ୍କ ଭିତରୁ ଜଣଙ୍କୁ ଭଲଭାବେ ଚିହ୍ନି ପାରି ପଚାରିଲେ- ''ଶେର୍ ଅଲ୍ଲୀ ! ତମେ ଏଠାକୁ କେମିତି ଆସିଲ ?''

Digitized by srujanika@gmail.com

ସଙ୍ଗେ ସଙ୍ଗେ ଶେର୍ ଅଲ୍ଲୀ ଜବାବ ଦେଲା- ‘‘ହଜୁର ! ଆପଣ ଜାଣନ୍ତି, ମୁଁ ଦିଲ୍ଲୀର ଜଣେ ବ୍ୟବସାୟୀ । ପ୍ରାୟ ପାଞ୍ଚ ବର୍ଷରୁ ଅଧିକ କାଳ ମୁଁ ଏଇ ଦିଲ୍ଲୀରେ ବ୍ୟବସାୟ କରିଆସୁଛି । ମୁଁ ଦିଲ୍ଲୀକୁ ଆସିବା ପୂର୍ବରୁ ଆଫଗାନିସ୍ଥାନରେ ବାସ କରୁଥିଲି । ସେଠାରେ ଏହି ଲୋକ ମୋର କ୍ରୀତଦାସ ଥିଲା । ଆଜି ଦିଲ୍ଲୀରେ ଏହି ଲୋକକୁ ଦେଖିଲି । ମୋର କ୍ରୀତଦାସ ବୋଲି ମାନୁ ନାହିଁ । ଆପଣ ଏହାର ବିଚାର କରନ୍ତୁ ।’’

ଅନ୍ୟ ଲୋକଟି କହିଲା- ‘‘ହଜୁର !! ଏହି ଲୋକଟି ପୂରାପୂରି ମିଛ କହୁଛି । ପ୍ରକୃତରେ ତା ନା ନସିବ୍ । ଶେର ଅଲ୍ଲୀ ନୁହେଁ । ଇଏ ମୋର କ୍ରୀତଦାସ ଥିଲା । ଦିନେ ମୋର ବହୁତ ଟଙ୍କା ଓ ଅନେକ ମୂଲ୍ୟବାନ ଜିନିଷ ସହ କେଉଁଆଡ଼େ ଫେରାର୍ ହୋଇଗଲା । ଦୀର୍ଘ ସାତ ବର୍ଷ ଖୋଜିବା ପରେ, ଆଜି ମୁଁ ତାକୁ ଦିଲ୍ଲୀରେ ପାଇଛି ।’’

ନିଜକୁ ଶେର ଅଲ୍ଲୀ କହୁଥିବା ଲୋକଟି ପାଟି କରି କହିଲା- ‘‘ହଜୁର ! ଇଏ ହିଁ ନସିବ୍ ଓ ମୋର କ୍ରୀତଦାସ । ମୁଁ ଶେର ଅଲ୍ଲୀ ବୋଲି ସାକ୍ଷୀ ଆଣି ପ୍ରମାଣ କରିଦେଇ ପାରିବି ।’’

ଆର ଲୋକଟି କହିଲା- ‘‘ତୁମେ ନସିବ୍ ନାଁକୁ ଶେର ଅଲ୍ଲୀରେ ବଦଳାଇ ଦେଇଛ । ଆଉ ମୋ’ଠୁଁ ଚୋରାଇ ନେଇଥିବା ଟଙ୍କା ଓ ସୁନାରେ ଏଠି ବ୍ୟବସାୟ କରୁଛ ।’’

ସେଇଠୁ ଆର ଜଣକ କହିଲା ‘‘ବନ୍ଦକର । ବନ୍ଦକର । ନସିବ କିଏ ? ମତେ ନସିବ୍ ବୋଲି ଡାକୁଛୁ ତୋର ଏତେ ସାହସ ..... ?’’

ଆକବର ଏତେବେଳଯାଏଁ ଚୁପ୍‌ଚାପ୍ ସବୁ ଶୁଣୁଥିଲେ । ହଠାତ୍ କହିଲେ- ‘‘ଚୁପ୍ କର । ବୀରବଲ ଏଠାରେ ଉପସ୍ଥିତ ଅଛନ୍ତି । ସେ ହିଁ ତୁମମାନଙ୍କର କଳିର ଠିକ୍ ସମାଧାନ କରିବେ ।’’

Digitized by srujanika@gmail.com

ବୀରବଲ କହିଲେ- ''ମୁଁ ଆଖି ବନ୍ଦ କରିବି ଓ ଧ୍ୟାନରେ ବସିବି । ମୁଁ ଠିକ୍ ଜାଣି ଦେଇ ପାରିବି କିଏ ପ୍ରକୃତରେ ମିଛ କହୁଛି ଆଉ କିଏ ସତ କହୁଛି । ମୁଁ ଆଖି ଖୋଲିଲା ପର୍ଯ୍ୟନ୍ତ ତୁମେ ଦୁଇଜଣ ମୁହଁମାଡ଼ି ତଳେ ଶୋଇ ରହିବ ।''

ବୀରବଲ ଆଖି ବୁଜିଲା ପରେ, ସେ ଦୁଇଜଣ ଲୋକ ତଳେ ଶୋଇ ରହିଲେ ।

କିଛି ସମୟ ପରେ ବୀରବଲ ଆଖି ଖୋଲିଲେ ଓ କହିଲେ- ''ବର୍ତ୍ତମାନ ମୁଁ ସତକଥା ଜାଣି ପାରିଲି ହଜୁର ! ଘାତକକୁ ଡକାନ୍ତୁ । ସେ ଦୋଷୀର ମୁଣ୍ଡ କାଟିବ ।''

ଆକବର ଘାତକକୁ ଡକାଇଲେ । ଘାତକ ଗୋଟିଏ ବିରାଟ ଖଣ୍ଡା ନେଇ ଆସିଲା । ବୀରବଲ ଆଦେଶ ଦେଲେ- ''କ୍ରୀତଦାସର ମୁଣ୍ଡ କାଟିଦିଅ ।'' ମନେ ମନେ ବୀରବଲ ଭାବିଲେ ବର୍ତ୍ତମାନ ପ୍ରକୃତ ଦୋଷୀ କିଏ ନିଶ୍ଚୟ ଜଣା ପଡ଼ିଯିବ ।

ଯେମିତି ଘାତକ ଖଣ୍ଡା ଉଠାଇ ହାଣିବାକୁ ଉଦ୍ୟତ ହୋଇଛି, ସଙ୍ଗେ ସଙ୍ଗେ ନିଜକୁ ଶେର ଅଲ୍ଲୀବୋଲି ଦାବି କରୁଥିବା ଦିଲ୍ଲୀର ବ୍ୟବସାୟୀ ଜଣକ ବୀରବଲଙ୍କ ଗୋଡ଼ ତଳେ ପଡ଼ିଗଲା । କାନ୍ଦିକାନ୍ଦି କହିଲା- ''ହଜୁର ! ମୋ ଜୀବନ ରକ୍ଷା କରନ୍ତୁ । ମୁଁ ଶେର ଅଲ୍ଲୀ ନୁହେଁ, ପ୍ରକୃତରେ ନସିବ୍ । ଏଇ ଲୋକର ମୁଁ କ୍ରୀତଦାସ ଥିଲି । ଇଏ କହିବା ଭଳି, ଦିନେ ତାଙ୍କରି ସମ୍ପତ୍ତି ଚୋରାଇ ଆଣିଲି । ଦିଲ୍ଲୀକୁ ଆସି ନିଜକୁ ଶେର ଅଲ୍ଲୀ ବୋଲି ପରିଚୟ ଦେଇ ଦିଲ୍ଲୀରେ ବ୍ୟବସାୟ କରୁଛି । ମତେ ଦଣ୍ଡ ଦିଅନ୍ତୁ । ପ୍ରକୃତରେ ମୁଁ ଦୋଷୀ ।''

ଆକବରଙ୍କ ଆଦେଶରେ ନସିବ୍‌କୁ ଜେଲ୍‌କୁ ପଠାଇ ଦିଆଗଲା ଓ ତା'ର ସମସ୍ତ ସମ୍ପତ୍ତି ପ୍ରକୃତ ମାଲିକକୁ ହସ୍ତାନ୍ତର କରାଗଲା ।

❑❑❑

Digitized by srujanika@gmail.com

२१

ବିଚିତ୍ର ବିଚାର

ଥରେ ଜଣେ ଗରିବ ବ୍ରାହ୍ମଣ ଭୋରରୁ ଉଠି ଠାକୁରଙ୍କ ସେବା କରିବା ପାଇଁ ଫୁଲ ତୋଳିବାକୁ ବାହାରିଲା । କିନ୍ତୁ ସେଦିନ ଗୋଟିଏ ବି ଫୁଲ ପାଇଲା ନାହିଁ । ପ୍ରତିଦିନ ତ ସେ ଏଇ ଗଛରୁ ହିଁ ଫୁଲ ନେଇ ପୂଜା କରେ । ଆଜି କେହି ତା' ଆଗରୁ ଆସି, ନିଶ୍ଚୟ ସବୁ ଫୁଲ ନେଇଯାଇଛି । ସବୁଆଡ଼େ ଖୋଜାଖୋଜି କରି ନିରାଶ ହେଲା ସେ । କେଉଁଠି ଗୋଟିଏ ବି ଫୁଲ ପାଇଲା ନାହିଁ । କ'ଣ କରିବ ସିଏ ଏବେ ..... ? ଠାକୁରଙ୍କ ପୂଜା କେମିତି ହେବ ଆଜି ......???



ବ୍ରାହ୍ମଣ ଭାବିଲା ରାଜାଙ୍କ ଫୁଲ ବଗିଚାରେ ତ ବହୁତ ଫୁଲ ଅଛି । ସେଠାକୁ ଯାଇ ଅଳ୍ପ କିଛି ଫୁଲ ତୋଳି ଆଣିବ ଆଜି । ରାତି ତ ପୁରା ପାହି ନାହିଁ- କେହି ତାକୁ ଦେଖି ପାରିବେ ନାହିଁ ।

Digitized by srujanika@gmail.com

ସେ ରାଜାଙ୍କ ଫୁଲ ବଗିଚାଆଡ଼େ ଚାଲିଲା । ଧୀରେ ଧୀରେ ଲୁଚି ଲୁଚି ପାଚେରୀ ଡେଇଁ ବଗିଚା ଭିତରକୁ ଗଲା । ଅତି ତରବରରେ ଫୁଲ ତୋଳି, ଫେରି ଆସିଲା ବେଳକୁ ରକ୍ଷୀ ହାତରେ ଧରାପଡ଼ିଲା । ସେ ତା'କୁ ଚୋରି ଅପରାଧରେ ବନ୍ଦୀ କରିନେଲା । ବ୍ରାହ୍ମଣଟି ବହୁତ କାକୁତି ମିନତି ହେଲା । ହେଲେ ରକ୍ଷୀ ତା'କୁ ଜମା ଛାଡ଼ିଲାନି ।

ଆକବରଙ୍କ ଦରବାରରେ ତା'ପରଦିନ ତା'କୁ ହାଜର କରାଗଲା । ଆକବର ବ୍ରାହ୍ମଣ ଉପରେ ଭୀଷଣ ରାଗିଗଲେ । ଏଇ ସାମାନ୍ୟ ଚୋରି ପାଇଁ ବ୍ରାହ୍ମଣକୁ ସେ ମୃତ୍ୟୁଦଣ୍ଡ ଦେଲେ । ଦରବାରର ସମସ୍ତ ପାରିଷଦ ଏଇ ବିଚିତ୍ର ବିଚାର ଶୁଣି ଖୁବ୍ ଆଘାତ ପାଇଲେ । ଏହା ବଡ଼ ନୃଶଂସ ଆଦେଶ ବୋଲି କୁହାକୁହି ହେଲେ । ହେଲେ ରାଜାଙ୍କୁ କିଏ କହିବ ଏ ଅବିଚାର ପାଇଁ । ଜଣେ ପାରିଷଦ କହିଲେ -''ମୁଁ ରାଜାଙ୍କୁ ଜମା ବୁଝି ପାରୁ ନାହିଁ । ସେ କେତେକ ସ୍ଥାନରେ ଅତି ଦୟାଳୁ ଓ ଉଦାର ତ .... ଅନ୍ୟ କେତେକ କ୍ଷେତ୍ରରେ ସେ ଅତି ନୃଶଂସ ଓ ନିର୍ଦ୍ଦୟ'' । ତଥାପି ସମସ୍ତେ ଚୁପ୍ ରହିଲେ ।

ବୀରବଲ ଏହାଶୁଣି ଅତି ଆଘାତ ପାଇଲେ । ଏଇ ବିଚିତ୍ର ବିଚାର ତାଙ୍କୁ ବହୁତ କଷ୍ଟ ଦେଲା । ଜଣେ ନିରୀହ ବ୍ରାହ୍ମଣ ସାମାନ୍ୟ ଫୁଲ ପାଇଁ ଫାଶୀ ପାଇବ.... ସେ ଏକଥା ସହି ପାରିଲେ ନାହିଁ । ଠିକ୍ କଲେ ସେ, ଆକବରଙ୍କ ସହ ଏ ବିଷୟରେ ଅବଶ୍ୟ କଥାବାର୍ତ୍ତା କରିବେ ।

ବୀରବଲଙ୍କୁ, ଆକବର ଦେଖୁଦେଖୁ ହିଁ କହିଉଠିଲେ- ''ମୁଁ ଜାଣେ ତମେ ଏଇନା କାହିଁକି ଆସିଛ ?? ତୁମେ ନିଶ୍ଚୟ ସେ ବ୍ରାହ୍ମଣ ବିଷୟରେ କହିବ । କିନ୍ତୁ କିଛି ଲାଭ ହେବ ନାହିଁ । ତମେ ସବୁବେଳେ ମତେ କ'ଣ କରିବାକୁ ହେବ କହି ଆସିଛ ଓ ମୁଁ ମାନିଛି ମଧ୍ୟ । କିନ୍ତୁ ଆଜି ତମେ ଯାହା କହିବ......ମୁଁ ତା'ର ଠିକ୍ ବିପରୀତ ହିଁ କରିବି ।''

Digitized by srujanika@gmail.com

ବୀରବଲ କହିଲେ- ''ହଜୁର ! ମୁଁ ସେଇ ବ୍ରାହ୍ମଣର ଫାଶୀ ଆଦେଶ ଉପରେ ଯୁକ୍ତି କରିବାକୁ ଆସିନାହିଁ । ମୁଁ ଭାବୁଛି- ଆପଣ ତା'କୁ ଫାଶୀ ଦଣ୍ଡ ଦେଇ ଠିକ୍ କରିଛନ୍ତି । ପ୍ରକୃତରେ ସେ ଏହାଠାରୁ ବି ଆହୁରି କଠିନ ଦଣ୍ଡ ପାଇବା ଉଚିତ ଥିଲା । ତା'କୁ ଫାଶୀ ଦିଅନ୍ତୁ । ତା' ପରିବାରର ସମସ୍ତଙ୍କୁ ଫାଶୀ ଦିଅନ୍ତୁ । ବ୍ରାହ୍ମଣର ଯାହା କିଛି ସମ୍ପତ୍ତି ଅଛି.... ନେଇ ଯାଆନ୍ତୁ । ମୋର ଆପତ୍ତି କରିବାର କ'ଣ ଅଛି । ଆପଣଙ୍କ ଏ ବିଚିତ୍ର ବିଚାର ତ ଶ୍ରେଷ୍ଠ ବିଚାର ।''

ବୀରବଲଙ୍କ ଭାବପ୍ରବଣ କଥା ଶୁଣି ଆକବର ସତରେ ଚମକି ଉଠିଲେ । ସେ ବୀରବଲଙ୍କଠାରୁ ଏପରି ଦରଦୀ କଥା କେବେ ଶୁଣି ନ ଥିଲେ । ସେ ବିଚଳିତ ହୋଇ ପଡ଼ିଲେ । ସାମାନ୍ୟ ଫୁଲ ଚୋରୀ ପାଇଁ....ପୁଣି ତାହା ଠାକୁରଙ୍କ ସେବା ପାଇଁ......ବ୍ରାହ୍ମଣକୁ ଫାଶୀ ଦଣ୍ଡ ଦେବା ନିହାତି ଅନ୍ୟାୟ । ସେ ଅନୁଭବ କଲେ ତାଙ୍କରି ବିଚାର ଭୁଲ ହୋଇଛି ।

ତା'ପରେ ସେ ମନେ ପକାଇଲେ, ସେ କିଛି ସମୟ ପୂର୍ବରୁ କହିଛନ୍ତି ଯେ, ବୀରବଲ ଯାହା କହିବେ, ସେ ତା'ର ଠିକ୍ ଓଲଟା ହିଁ କରିବେ ।

ସେ ମୁରୁକି ହସି କହିଲେ- ''ବୀରବଲ ! ଏଥର ବି ତମେ ଜିତିଗଲ ।'' ବ୍ରାହ୍ମଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେବା ପାଇଁ, ରକ୍ଷୀକୁ ଆଦେଶ ଦେଲେ ।

ଏମିତି ବୀରବଲଙ୍କ ଉପସ୍ଥିତ ବୁଦ୍ଧିଯୋଗୁ ହିଁ ବିଚାରା ନିର୍ଦ୍ଦୋଷୀ ଗରିବ ବ୍ରାହ୍ମଣର ପ୍ରାଣରକ୍ଷା ହୋଇ ପାରିଲା ।

□□□

Digitized by srujanika@gmail.com

ତେଲି ଓ କଂସେଇ

ଥରେ ଜଣେ ତେଲି ଓ କଂସେଇଙ୍କର ଗୋଟିଏ ଟଙ୍କାଥଳୀ ପାଇଁ କଳି ହେଲା । ଦୁହେଁ ଉପଯୁକ୍ତ ନ୍ୟାୟ ପାଇବା ପାଇଁ ଆକବରଙ୍କ ଦରବାରକୁ ଆସିଲେ । ସେଇ କଳି ତୁଟାଇବା ପାଇଁ ବୀରବଲଙ୍କୁ ହିଁ ଦାୟିତ୍ୱ ଦିଆଗଲା ।

ବୀରବଲ ପ୍ରଥମେ କଂସେଇ (ମାଂସ କଟାଳୀ) ଠାରୁ ତା କଥା ଶୁଣିଲେ ।

କଂସେଇ କହିଲା-''ହଜୁର ! ମୁଁ ମୋର ମାଂସ ଦୋକାନରେ ମାଂସ କାଟି, ବିକିବାରେ ବ୍ୟସ୍ତ ଥିଲି । ମୋ ଦୋକାନରେ ଲୋକ ଭିଡ଼ ବି

Digitized by srujanika@gmail.com

ଢ଼େର ଥିଲା । ସେତିକିବେଳେ ଏଇ ତେଲି (ତେଲ ବିକିବା ଲୋକ) ମୋ ଦୋକାନ ଭିତରକୁ ସିଧା ଆସିଲା । ସେ ତା'ର ତେଲ ବିକିବା ପାଇଁ ଚାହୁଁଥିଲା । ତେଣୁ ମୁଁ କହିଲି- ତୁ ସେଇଠି ହିଁ ଅପେକ୍ଷା କର, ମୁଁ ତେଲ ନେବାପାଇଁ ପାତ୍ରଟିଏ ଖୋଜି ଆଣୁଛି । ଏତିକି କହି ମୁଁ ଦୋକାନର ପଛପଟକୁ ଚାଲିଗଲି । ଠିକ୍ ଏତିକି ବେଳେ ତେଲିଟି ମୋର ଟଙ୍କା ଥଳୀଟି ଧରି ଜୋର୍‌ରେ ଦୌଡ଼ି ଚାଲିଗଲା । ମୁଁ ବି ତା'ପଛେ ପଛେ ଦୌଡ଼ିଲି । ଶେଷରେ ତା'କୁ ଧରି ଟଙ୍କାମୁଣି ଉଦ୍ଧାର କଲି । କିନ୍ତୁ ସେ ଏଇ ଟଙ୍କା ମୁଣିଟି, ତା'ର ବୋଲି ଏଇନା ମିଛରେ ଦାବି କରୁଛି ।''

ସେଇଠୁ ତେଲି ବି ତା ନିଜକଥା କହିଲା- ''ହଜୁର ! ମୁଁ ଏଇ କଂସେଇର କଥା ପ୍ରକାରେ ତା' ମାଂସ ଦୋକାନ ଭିତରକୁ ଯାଇଥିଲି । କିନ୍ତୁ ତା'ପରର ଘଟଣା ସେ ଯାହା କହିଲା......ସବୁ ମନଗଢ଼ା ଓ ମିଛ । ପ୍ରକୃତରେ ଘଟଣାଟି ଘଟିଥିଲା ଠିକ୍ ଏମିତି । ଶୁଣନ୍ତୁ ! ସେ ମୋଠାରୁ କିଛି ତେଲ କିଣିଲା ଓ ସେଥିପାଇଁ ଟଙ୍କା ମତେ ଦେଲା । ମୁଁ ଯେତେବେଳେ ସେ ଦେଇଥିବା ଟଙ୍କା ରଖିବା ପାଇଁ ମୋର ଟଙ୍କା ମୁଣି ଖୋଲିଲି- ସେ ଏତେ ଟଙ୍କା ଦେଖି ଈର୍ଷାରେ ଜଳିଗଲା । ମୋ ଟଙ୍କା ମୁଣିକୁ ପାଇବା ପାଇଁ ଲୋଭେଇ ପଡ଼ିଲା । ତେଣୁ ଆଖି ପିଛୁଳାକେ ମୋ ଟଙ୍କା ମୁଣିଟି ଧରି ଦୌଡ଼ିଲା । ମୁଁ ବି ପ୍ରାଣ ବିକଳରେ ତା' ପଛେ ପଛେ ଦୌଡ଼ିଲି । ତାକୁ ଧରିଲି । କିନ୍ତୁ ସେ ଏଇନା ମୋ ଟଙ୍କା ମୁଣି ମତେ ଫେରାଇବା ପାଇଁ ନାହିଁ କରୁଛି । ଏ ଟଙ୍କା ମୁଣି ତା'ର ବୋଲି ପୁଣି ଦାବି କରୁଛି ।''

ପାରିଷଦବର୍ଗ ଓ ନିଜେ ରାଜା ଆକବର ମଧ୍ୟ ଏ କଳି ଶୁଣି ତାଜୁବ୍ ହୋଇଗଲେ । ଇଏ ତ ବଡ଼ ଜଟିଳ କଳି । ଉଭୟେ ଦାବି କରୁଛନ୍ତି

Digitized by srujanika@gmail.com

ଟଙ୍କା ଥଳୀ ସେମାନଙ୍କର । ଏଥର ଜଣା ପଡ଼ିବ ବୀରବଲଙ୍କ ବୁଦ୍ଧିର କରାମତି ! ସମସ୍ତେ ଅତି ଆଗ୍ରହର ସହ ଅପେକ୍ଷା କଲେ- ଦେଖିବା କେମିତି ବୀରବଲ ଆଜି ଏ କଳିର ସମାଧାନ କରିବେ !!

ବୀରବଲ କହିଲେ - ''ଯାଅ.... ଗୋଟାଏ ବଡ଼ ଟବ୍‌ରେ ଗରମ ପାଣି ଆଣ ।''

ଗରମ ପାଣି ଆସିଲା ପରେ ଟଙ୍କାମୁଣିଟିକୁ ସେଥିରେ ପକାଇବା ପାଇଁ ବୀରବଲ କହିଲେ ।

ବୀରବଲ ନିଜେ ଟବ୍ ପାଖକୁ ଯାଇ ପାଣିକୁ ଭଲଭାବେ ଦେଖିଲେ ।

ତା'ପରେ ପାଟିକରି କହିଲେ ସମସ୍ତଙ୍କୁ- ''ଏଇ ଦେଖ ପାଣିରେ କେମିତି ଟୋପା ଟୋପା ତେଲ ଟଙ୍କାମୁଣିରୁ ବାହାରି ଭାସୁଛି । ଏମିତି ତେଲିଆ ତେଲମୁଣି, ଗୋଟିଏ ତେଲି ଛଡ଼ା ଆଉ କାହାର ହୋଇପାରେ ? ତେଣୁ ଏଇ ତେଲିର ଟଙ୍କାମୁଣି ଏଇଟି । ଏଇ କଂସେଇ ଲୋଭରେ ପଡ଼ି ମନଗଢ଼ା ଘଟଣାଟିଏ କହିଛି । ଏଇ କଂସେଇକୁ ଗିରଫ କରି ବନ୍ଦୀଶାଳାକୁ ପଠାଇ ଦିଅ ।''

ତେଲି ବୀରବଲଙ୍କ ଉପରେ କୃତ୍ୟ କୃତ୍ୟ ହୋଇ ଟଙ୍କା ଥଳୀ ଧରି ଖୁସିରେ ଘରକୁ ଫେରିଲା ।

ପାରିଷଦବର୍ଗ ଓ ନିଜେ ରାଜା ଆକବର-ବୀରବଲଙ୍କ ଏପରି ତୀକ୍ଷ୍ଣ ବୁଦ୍ଧି ଓ ସୁଚତୁର ବିଚାର ଦେଖି ଧନ୍ୟ ଧନ୍ୟ କଲେ । ଆକବର ବୀରବଲଙ୍କୁ ବହୁତ ପୁରସ୍କାର ବି ଦେଲେ ।

❑❑❑

Digitized by srujanika@gmail.com

ଲହରୀ ବି ଗଣାଯାଏ

ଦିନେ ଆକବରଙ୍କ ଦରବାର ଚାଲିଥାଏ । ଦରବାରରେ ସବୁ ପାରିଷଦ ଉପସ୍ଥିତ ଥା'ନ୍ତି । ବୀରବଲ ବି ଉପସ୍ଥିତ ଥା'ନ୍ତି ।

କିଛି ସମୟପରେ ରକ୍ଷୀ ଦୁଇଜଣ ଗୋଟିଏ ଲୋକକୁ ବନ୍ଦୀକରି ଧରି ଆଣିଲେ । ଆକବର ସେମାନଙ୍କୁ କିଛି ପଚାରିବା ପୂର୍ବରୁ, ସେମାନଙ୍କ ଭିତରୁ ଜଣେ ରକ୍ଷୀ କହିଲା-''ମଣିମା, ଏଇ ଲୋକଟି ଲାଞ୍ଚନେବା ଅପରାଧରେ ବନ୍ଦୀ ହୋଇ ଆସିଛି '

ଆକବର ପଚାରିଲେ-''ସେ ଲୋକଟି କିଏ ? ତା' ପରିଚୟ ଦିଅ ?''

ରକ୍ଷୀଟି ଉତ୍ତରଦେଲା-''ମଣିମା ସେ ଲୋକଟି ଜଣେ ଅମାତ୍ୟ । ସେ ଶସ୍ୟ ଆଦାୟ ବିଭାଗର ଦାୟିତ୍ୱ ତୁଲାଉଥିଲା ।''

ଆକବର କହିଲେ-''ତାକୁ ବନ୍ଦୀ କରି ରଖିଦିଅ, ତାର ବିଚାର ପରେ କରାଯିବ ।''

ତାପରେ ବୀରବଲଙ୍କୁ ଡାକି ଆକବର କହିଲେ ''ବୀରବଲ ! ମଣିଷକୁ ତା'ର ବୃତ୍ତି ହିଁ ଦୁର୍ନୀତିଗ୍ରସ୍ତ କରିଦିଏ । ତମେ କ'ଣ ଭାବୁଛ ।''

ବୀରବଲ ଚୁପ୍ ରହିବା ଦେଖି ଆକବର ପୁଣି ପଚାରିଲେ-''ମୁଁ ସବୁବେଳେ ଏଇ ପ୍ରଶ୍ନର ଉତ୍ତର ମନେ ମନେ ଖୋଜୁଛି ଯେ ଆମାତ୍ୟମାନେ ତାଙ୍କର ଏଇ ବୃତ୍ତି ପାଇଁ ହିଁ ଲାଞ୍ଚଖୋର ହୋଇଯାନ୍ତି ।''

ବୀରବଲ କହିଲେ ''ମଣିମା-ମୁଁ କିନ୍ତୁ ସେମିତି ଭାବୁ ନାହିଁ । ଜଣେ ଜଣେ ଲାଞ୍ଚଖୋର ବ୍ୟକ୍ତି ଯେକୌଣସି ପଦବୀରେ ରହିଲେ ବି ଲାଞ୍ଚ ନେବାର ରାସ୍ତା ସେ ନିଶ୍ଚୟ ଖୋଜି ବାହାର କରିବେ ।''

Digitized by srujanika@gmail.com

ଆଉ ଜଣେ ପାରିଷଦ ଏ କଥାର ପ୍ରତିବାଦ କରି କହିଲା "ନା ମଣିମା, ମୁଁ ବୀରବଲଙ୍କ ସହିତ ଏକମତ ନୁହେଁ । ମୁଁ ଏପରି ଶହେଟି ବୃତ୍ତି କହିପାରେ ଯେଉଁଥିରେ କି ଜଣେ ବ୍ୟକ୍ତି ଲାଞ୍ଚ ନେବା ପାଇଁ ଟିକିଏ ବି ସୁଯୋଗ ପାଇବ ନାହିଁ । ଏଇକଥା ମୁଁ ବାଜି ଲଗାଇ କହିପାରେ ।"

ସେଇଠୁଁ ବୀରବଲ କହିଲେ-"ସେ ଶହେ ଭିତରୁ ମତେ ଗୋଟିଏ ବୃତ୍ତି ଦୟା କରି କହିବେ କି ?"

ଅମାତ୍ୟଟି ଥ-ଥ-ମ-ମ ହୋଇଗଲା କିଛି ସମୟ ପାଇଁ । ତା'ପରେ ହସି ହସି କହିଲା "ପାଇଛି ମଣିମା, ପାଇଛି । ଯମୁନା ନଦୀ କୂଳରେ ସେଇ ଲୋକଟିକୁ ବସାଇ ଲହରୀ ଗଣିବାକୁ ଆଦେଶ ଦିଅନ୍ତୁ । ମୁଁ ନିଶ୍ଚିତ ଯେ ଏଥିରେ ଲାଞ୍ଚ ନେବାର ପ୍ରଶ୍ନ ଉଠୁନାହିଁ ।"

Digitized by srujanika@gmail.com

ବୀରବଲ ଏହାର ଉତ୍ତରରେ କହିଲେ-''ବନ୍ଧୁ ! ମୁଁ ସବୁଠୁ ବେଶୀ ଖୁସିହେବି ଜଣେ ଦୁର୍ନୀତିଖୋର ଅମାତ୍ୟ ତୁମରି ଯୋଜନାରେ ସଚ୍ଚୋଟ ହୋଇଯିବ । କିନ୍ତୁ ମୋର ଅନୁମାନ ଏ ଯୋଜନା ତୁମର ସଂପୂର୍ଣ୍ଣ ବିଫଳ ହେବ । ତମେ ନିଶ୍ଚୟ ହାରିଯିବ । ଦୁର୍ନୀତିଖୋର ବ୍ୟକ୍ତି ଯେ କୌଣସି ଉପାୟରେ ଲାଞ୍ଚ ନେବାଟା ନିଶ୍ଚିତ । ଏହାର ପ୍ରମାଣ ମଣିମାଙ୍କୁ ମୁଁ କିଛିଦିନପରେ ନିଶ୍ଚୟ ଦେବି ।''

ଅମାତ୍ୟଟି ରାଗି ବୀରବଲଙ୍କୁ କହିଲା-''ଧୈର୍ଯ୍ୟଧରି ଅପେକ୍ଷା କରନ୍ତୁ । ଆପେ ଆପେ ସବୁ ଜାଣିଯିବେ ।''

ତା'ପରେ ଯୋଜନା ଅନୁସାରେ ସେଇ ଦୁର୍ନୀତିଗ୍ରସ୍ତ ଅମାତ୍ୟଙ୍କୁ ଯମୁନା ନଦୀ କୂଳରେ ଲହରୀ ଗଣିବା ପାଇଁ ଆଦେଶ ଦିଆଗଲା । ଅମାତ୍ୟଟି କାଗଜ କଲମ ଧରି କୂଳରେ ବସି ଲହଡ଼ି ଗଣି ଲେଖିବାରେ ଲାଗିଲା ।

ଏମିତି ଏକ ସପ୍ତାହ ବିତିଗଲା । ଆକବର ବୀରବଲଙ୍କୁ ପଚାରିଲେ-''ବୀରବଲ ! ଏକ ସପ୍ତାହ ତ ବିତିଗଲାଣି ଅଥଚ ଆମର ଦୁର୍ନୀତିଗ୍ରସ୍ତ ଅମାତ୍ୟଠାରୁ କୌଣସି ଖବର ଆସିଲା ନାହିଁ ।'' ପୂର୍ବୋକ୍ତ ପାରିଷଦଟି ହଠାତ୍ କହିଲା ''ମଣିମା ମୁଁ ଯାହା କହିଥିଲି ତାହା ହିଁ ହେଲା ଦେଖିଲେ ତ ?''

ବୀରବଲ କହିଲେ ''ଠିକ୍ଅଛି ! ଦେଖିଲେ ସବୁ କଥା ଜଣାପଡ଼ିବ । ମୋ ମତରେ ଆମେ ଦୁଇଜଣ ନିଜେ ଯାଇ ଦେଖିଆସିବା ଭଲ ।''

ଆକବର କହିଲେ-''ଠିକ୍ଅଛି, ଚାଲଯିବା । ମୋର ଆପତ୍ତି ନାହିଁ ।''

Digitized by srujanika@gmail.com

ବୀରବଲ କହିଲେ "ନା ମଣିମା, ବର୍ତ୍ତମାନ ଯିବା ଠିକ୍ ହେବ ନାହିଁ । ଆମେ କାଲି ସକାଳେ ଯିବା । କିନ୍ତୁ ଏ ବେଶରେ ନୁହେଁ । ମାଛ ଧରାଳୀର ଛଦ୍ମବେଶରେ । ଡଙ୍ଗା ଓ ଜାଲ ନେଇ ଆମକୁ ଯିବାକୁ ହେବ । ଆମ ସାଙ୍ଗରେ ଜଣେ ପ୍ରକୃତ ମାଛ ଧରାଳିକୁ ବି ନେବାକୁ ହେବ ।"

ତା' ପରଦିନ ସକାଳେ ବୀରବଲ, ଆକବର ଓ ଗୋଟିଏ ମାଛଧରାଳି ଡଙ୍ଗାରେ ବସି ଯମୁନା ନଦୀରେ ଆସିଲେ । ମାଛ ଧରାଳିଟି ଦୂରରୁ ଦୂର୍ନୀତିଗ୍ରସ୍ତ ଅମାତ୍ୟଟିକୁ ଦେଖାଇ ଦେଇ କହିଲା "ଏଇ ମଣିମା, ସେ ଲୋକଟି ସେଇଠି ବସି ଲହରୀ ଗଣୁଛି ।"

ଏତିକି ବେଳକୁ ଡଙ୍ଗାଟି ସେ ଅମାତ୍ୟ ପାଖାପାଖି ପହଞ୍ଚି ସାରିଥାଏ । ଅମାତ୍ୟଟି ପାଟି କରି ଉଠିଲା-"ଏଇ କିଏ ସେ ତୁମେମାନେ ? ଏଇଠି କଣ କରୁଛ ? ନିଜକୁ ତୁମେମାନେ କଣ ଭାବୁଛ କି ?"

Digitized by srujanika@gmail.com

ବୀରବଲ ଓ ଆକବର ଉତ୍ତର ଦେଲେ "ଆମେ କେବଳ ଡଙ୍ଗା ଚଳାଇ ଯାଉଛୁ ।"

ଅମାତ୍ୟଟି ରାଗିଯାଇ ସଙ୍ଗେ ସଙ୍ଗେ କହିଲା "ମୂର୍ଖମାନେ ତୁମେ ଜାଣ-ନିଜେ ସମ୍ରାଟ ଆକବର ମତେ ଏଇ ନଦୀର ଲହରୀ ଗଣିବା ପାଇଁ ନିଯୁକ୍ତି କରିଛନ୍ତି ।

-କଣ ହେଲା ?

-ତୁମେମାନେ ମତେ ଲହରୀ ଗଣିବାରେ ବାଧା ଦେଇଛ । ମୁଁ ତୁମମାନଙ୍କ ନାଁ ରାଜାଙ୍କୁ ଦେବି । ତୁମେ ଜାଣ ଏହା ଫଳରେ ତୁମେ କଣ ଦଣ୍ଡ ପାଇବ ?

-କଣ ? ଡରି ମରି ପଚାରିଲେ ମାଛ ଧରାଳି ତିନିଜଣ ।

ଅମାତ୍ୟଟି ଦାଢ଼ି ଆଉଁସି ଆଉଁସି ହସି ହସି କହିଲା-"ଏକ ବର୍ଷ ପାଇଁ ଜେଲଦଣ୍ଡ ତୁମକୁ ଦିଆଯିବ ।"

ମାଛଧରାଳୀ ବେଶରେ ଥିବା ଆକବର କହିଲେ-"ଏକ ବର୍ଷ ଜେଲ୍ ?"

ବୀରବଲ କହିଲେ "ଦୟାକରି ଆମ ନାଁରେ ରାଜାଙ୍କୁ କିଛି କୁହନାହିଁ ।"

ତାପରେ ତିନିଜଣ ଯାକ ହାତଯୋଡ଼ି କହିଲେ ଆମକୁ କ୍ଷମା ଦିଅ । ଆମେ ଏପରି ଭୂଲ ଆଉ କେବେ କରିବୁ ନାହିଁ ।"

ଅମାତ୍ୟଟି କହିଲା "ମୁଁ ତୁମ ନାଁରେ ଅଭିଯୋଗ କରିବି ନାହିଁ ଯଦି...........

-ଯଦି....କଣ.... ?

-ଯଦି ତୁମେମାନେ ମୋ ପାଇଁ କିଛି....

Digitized by srujanika@gmail.com

-କଣ କିଛି ଖୋଲି କୁହ । ଆମେ ନିଶ୍ଚୟ ତୁମ ଇଚ୍ଛା ପୂର୍ଣ୍ଣ କରିବୁ । କୌଣସି ସଂକୋଚ ନ ରଖି ଆମ ଆଗରେ କୁହ ।

-ମତେ ଶହେଟି ସୁନା ମୋହର ଦେବାକୁ ପଡ଼ିବ ।

-ଶହେଟି ସୁନା ମୋହର ? ଦେଖ ଆମେ ଗରୀବ ମାଛଧରାଳୀ, ଏତେ ଟଙ୍କା କେଉଁଠୁ ଆଣିବୁ । ଆମ ପ୍ରତି ଦୟା କର । ଆଉ କିଛି ସୁନା ମୋହର କମାଇ ଦିଅ ।

ବୀରବଲ କହିଲେ ''ଆମ ପାଖରେ କେବଳ ପଚାଶଟି ସୁନା ମୋହର ଅଛି । ତୁମେ ତାକୁ ନେଇପାର । ସେ ସୁନା ମୋହର ଥଳିଟି ବଢ଼ାଇବାକୁ ଯାଉଛନ୍ତି..ଆକବର ନିଜର ସ୍ୱଭାବ ସୁଲଭ କଣ୍ଠରେ କହି ଉଠିଲେ-''ନା ବୀରବଲ ସେ ଏକଶହ ସୁନା ମୋହର ହିଁ ନେବ ।''

ଅମାତ୍ୟଟି ଆକବରଙ୍କୁ ଚିହ୍ନିନେଲା ଓ ଗୋଡ଼ତଳେ ପଡ଼ିଗଲା ।

ଆକବର ରାଗି କହିଲେ-''ହଁ ସେ ଶହେଟି ଚାବୁକ୍ ମାଡ଼ ଖାଇବାକୁ ଉପଯୁକ୍ତ ।'' ସଙ୍ଗେ ସଙ୍ଗେ ଦୁର୍ନୀତିଗ୍ରସ୍ତ ଅମାତ୍ୟଟିକୁ ବନ୍ଦୀ କରି ନିଆଗଲା ।

ତା' ପରଦିନ ଦରବାରରେ ଆକବର ବୀରବଲଙ୍କୁ କହିଲେ ''ବୀରବଲ, ତୁମେ ଠିକ୍ କହିଥିଲ । ଏମିତି କୌଣସି ବୃତ୍ତି ନାହିଁ ଯେଉଁଥିରୁ କି ଜଣେ, ଦୁର୍ନୀତିଖୋର ବ୍ୟକ୍ତି ଲାଞ୍ଚ ନେଇ ପାରିବ ନାହିଁ ।''

ବୀରବଲ ହସି ହସି ସେଇ ପୂର୍ବୋକ୍ତ ପାରିଷଦପ୍ରତି ତାଚ୍ଛଲ୍ୟରେ କହିଲେ-''କ'ଣ ବର୍ତ୍ତମାନ ବାଜିରେ ହାରିଲ ତ ? ମୁଁ ଠିକ୍ କହିଥିଲି ନା ?''

ପାରିଷଦଟି ମୁଣ୍ଡ ନୁଆଇଁ କହିଲା-''ବୀରବଲ, ତୁମରି ଅଦ୍ଭୁତ ଚତୁରତା ଓ ବୁଦ୍ଧି ଆଗରେ ମୁଁ ହାରିଯାଇଛି ।'' ତୁମେ ସତରେ ଚତୁର ।

☐☐☐

Digitized by srujanika@gmail.com